
ISSN: 2456-9194, Vol. VII, Issue. IV, March 2024



# ପ୍ରତ୍ୟୟ

(Journal of Odia Language, Culture and Science)

Peer-Reviewed Journal - Homepage: http://cphfs.in/research.php

# ଖଣ୍ଡପଡ଼ାର ଢୁମ୍ପା ସଙ୍ଗୀତ : ଏକ ସଂକ୍ଷିପ୍ତ ଅନୁଶୀଳନ

**ଦର୍ପଦଳନ ରଥ (ଗବେଷକ କଳାବିଭୂଷଣ), ଡ. ଦେବାଶିଷ ପାତ୍ର (ଆସୋସିଏଟ୍ ପ୍ରଫେସର)**

ଫକୀର ମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର, ବାଲେଶ୍ୱର

**ସାରାଂଶ:** ଖଣ୍ଡପଡ଼ା ଅଞ୍ଚଳର ରାଜା ଓ ସମ୍ଭ୍ରାନ୍ତବଂଶଜମାନେ କଳା ଓ ସଂସ୍କୃତିର ପୃଷ୍ଠପୋଷକ ଥିଲେ। ଏହି କଳା ଓ ସଂସ୍କୃତିର ମୌଳିକ ପ୍ରତିଧ୍ୱନି ଆମେ ଶ୍ରବଣ କରିପାରିବା ଖଣ୍ଡପଡ଼ାର ସ୍ୱତନ୍ତ୍ର କଳା 'ଢୁମ୍ପା ସଙ୍ଗୀତ' ମାଧମରେ । ଲୋକକଳା ଓ ସମ୍ଭ୍ରାନ୍ତ ସାହିତ୍ୟର ଅପୂର୍ବ ମିଳନ ସଂଘଟିତ ହୋଇଛି ଢୁମ୍ପା ସଙ୍ଗୀତରେ । ବିଗତ ତିନି ଶତାବ୍ଦୀ କାଳ ବ୍ୟାପୀ ଏହା ଖଣ୍ଡପଡ଼ାରେ ପରମ୍ପରାନୁକ୍ରମରେ ଗତିଶୀଳ ହୋଇଛି । ୧୯୮୫ ମସିହାରୁ ସରକାରୀ ସ୍ତରରେ ପଞ୍ଜୀକୃତ ଅନୁଷ୍ଠାନ ଭାବରେ ପ୍ରତିଷ୍ଠିତ ହୋଇଛି 'ଗଦାଧର ଢୁମ୍ପା ସଙ୍ଗୀତ ପରିଷଦ' । ବର୍ଷାକାଳୀନ ବାଦ୍ୟ ରୂପରେ ଢୁମ୍ପା ଆଦୃତ ହୋଇପାରିଛି । ଏହି ବାଦ୍ୟଯନ୍ତ୍ରର ପ୍ରସ୍ତୁତି ସତରେ ବିସ୍ମୟକର । ରାଜମଇ ବା ଭେଣ୍ଡିଆମର୍ଦ୍ଦନ ଗଛର ବକ୍କଳକୁ ବାଦ୍ୟ ରୂପେ ବ୍ୟବହାର କରାଯାଏ; ଏହି ବାଦ୍ୟଟିର ନାମ ଢୁମ୍ପା । ଏଥି ସହିତ ଗାନ କରାଯାଉଥିବା ଗୀତ ଢୁମ୍ପା ସଙ୍ଗୀତ ନାମରେ ପରିଚିତ । ରୀତିଯୁଗୀୟ ଶୈଳୀର ପଦପଂକ୍ତି ସହ ଢୁମ୍ପାର ତାଳ ଶ୍ରୋତାର ପ୍ରାଣରେ ସୃଷ୍ଟିକରେ ଅପୂର୍ବ ପୁଲକ ।

**ମୂଳଶବ୍ଦ:** ଲୋକବାଦ୍ୟ, ବର୍ଷାକାଳୀନ ସଙ୍ଗୀତ, ଗଦାଧର ସିଂହସାମନ୍ତ, ଲୁପ୍ତପ୍ରାୟ ଲୋକକଳା

## I. ଉପକ୍ରମ:

ସଙ୍ଗୀତ ହେଉଛି ମାନବ ହୃଦୟର ଆବେଗମୟ ମଧୁରତା । ଆତ୍ମାର ତୃପ୍ତିପ୍ରଦ ଅନୁଭବ । ଜୀବନର ଶ୍ରେଷ୍ଠତମ ସୃଜନଶୀଳ ପରିପ୍ରକାଶ ଛନ୍ଦମୟତାକୁ କେନ୍ଦ୍ର କରି ଉଙ୍କୁଟିଉଠେ ସଙ୍ଗୀତରେ । ଆଲୋଚ୍ୟ 'ଢୁମ୍ପା ସଙ୍ଗୀତ' ହେଉଛି, ଆମ ଉତ୍କଳ ପ୍ରଦେଶର ସ୍ୱତନ୍ତ୍ର କଳା । ପ୍ରାଚୀନ କାଳରେ ଓଡ଼ିଶାର ଗଡ଼ଜାତ ଅଞ୍ଚଳରେ ଏହାର ଆଦୃତି ରହିଥିଲା । ସମୟକ୍ରମେ ଏହା ଓଡ଼ିଶାର ମାତ୍ର ଦୁଇଟି ସ୍ଥାନରେ ପରିଲକ୍ଷିତ ହୁଏ । ଗୋଟିଏ ନୟାଗଡ଼ ଜିଲ୍ଲାର ଖଣ୍ଡପଡ଼ା ଅଞ୍ଚଳରେ ଏବଂ ଅନ୍ୟଟି ଗଞ୍ଜାମ ଜିଲ୍ଲାର ବଡ଼ଖେମୁଣ୍ଡି ଅଞ୍ଚଳରେ । ଢୁମ୍ପା ହେଉଛି ଏକ ପାରମ୍ପରିକ ବାଦ୍ୟଯନ୍ତ୍ର । ଏହା ସହିତ ପରିବେଷଣ କରାଯାଉଥିବା ସଙ୍ଗୀତକୁ 'ଢୁମ୍ପା ସଙ୍ଗୀତ' ରୂପେ ଅଭିହିତ କରାଯାଏ ।

## II.ଗବେଷଣା ପଦ୍ଧତି

ଉକ୍ତ ଗବେଷଣା ପ୍ରବନ୍ଧର ପ୍ରସ୍ତୁତି ନିମନ୍ତେ କ୍ଷେତ୍ର ଅଧ୍ୟୟନ ପଦ୍ଧତିକୁ ମୁଖ୍ୟତଃ ଗ୍ରହଣ କରାଯାଇଛି । ତଥ୍ୟ ସଂଗ୍ରହ ନିମନ୍ତେ ଖଣ୍ଡପଡ଼ା ଅଞ୍ଚଳକୁ ଗବେଷଣା କ୍ଷେତ୍ର ଭାବରେ ଚୟନ କରାଯାଇଛି । ଢୁମ୍ପାକୁ ସାଧାରଣ ଜନସମାଜରେ ଆଦୃତ କରିବା ପାଇଁ ଏହା ସମ୍ବନ୍ଧିତ ତଥ୍ୟକୁ ପର୍ଯ୍ୟବେକ୍ଷଣ କରାଯାଇ ଉକ୍ତ ପ୍ରବନ୍ଧଟି ପ୍ରସ୍ତୁତ କରାଯାଇଛି ।

## III.ଲକ୍ଷ୍ୟ ଓ ଉଦ୍ଦେଶ୍ୟ

- ସତ୍ୟର ସନ୍ଧାନ-ଏହି ଗବେଷଣାର ମୁଖ୍ୟ ଲକ୍ଷ୍ୟ। ଢୁମ୍ପା ସମ୍ପର୍କିତ ଭ୍ରମପୂର୍ଣ୍ଣ ତଥ୍ୟକୁ ମାର୍ଜିତ କରିବା ନିମନ୍ତେ ଏହି ପ୍ରବନ୍ଧଟି ସହାୟକ ହେବ।
- ଉଭୟ ଆଙ୍ଗିକ ଓ ଆତ୍ମିକ ସାହିତ୍ୟ ଦୃଷ୍ଟିରୁ ଖଣ୍ଡପଡ଼ାର ଢୁମ୍ପା ସଙ୍ଗୀତ ପରମ୍ପରାର ଅଧ୍ୟୟନକୁ ଏଥିରେ ସ୍ଥାନ ଦିଆଯିବ।

ଖଣ୍ଡପଡ଼ାର ଢୁମ୍ପା ସଙ୍ଗୀତକୁ ଏକ 'ଲୁପ୍ତପ୍ରାୟ ଲୋକକଳା'ରୁ 'ଲୋକପ୍ରିୟ ଲୋକକଳା'ରେ ପରିଣତ କରିବା ପାଇଁ ଏହି ପ୍ରବନ୍ଧ ସାହାଯ୍ୟରେ ପ୍ରୟାସ କରାଯିବ।

## ଢୁମ୍ପାର ପରିଚିତି

ଢୁମ୍ପା ସଙ୍ଗୀତ ତା'ର ନାମ ପ୍ରାପ୍ତ ହୋଇଛି 'ଢୁମ୍ପା' ଭାବେ ପରିଚିତ ବାଦ୍ୟଯନ୍ତ୍ରରୁ । ସମଗ୍ର ବିଶ୍ୱରେ ଏହା ଏକ ବିରଳ କଳା । ଏହି ବାଦ୍ୟଯନ୍ତ୍ର

ଭେଣ୍ଡିଆମର୍ଦ୍ଦନ ବା ରାଜମଇ ବୃକ୍ଷର ବକ୍କଳ (୧)। ଏକ ସ୍ୱତନ୍ତ୍ର ପଦ୍ଧତି ସାହାଯ୍ୟରେ ଏହି ବକ୍କଳକୁ ବାହାର କରାଯାଇ ବାଦ୍ୟ ରୂପେ ବ୍ୟବହାର କରାଯାଏ। ଏହି ଦୁଇଟି ଗଛର ବକ୍କଳ ମୋଟା ଓ ସୁଦୃଢ଼ ତନ୍ତୁଯୁକ୍ତ । ଯାହା ଫଳରେ ବାହାର କରିବା ସମୟରେ ଏହା ସହଜରେ ଫାଟିଯାଏ ନାହିଁ । ବର୍ଷାଋତୁରେ ଏହି ଗଛର ବକ୍କଳ ଓ କାଠ ମଧ୍ୟରେ ଏକ ସ୍ୱତନ୍ତ୍ର ତରଳ ରସ ସୃଷ୍ଟି ହୋଇଥାଏ। ଯାହାକି ଗଛର କାଠରୁ ବକ୍କଳକୁ ନଳ ଆକାରରେ ବାହାର କରିବାରେ ସହାୟକ ହୋଇଥାଏ। ଏହି ନଳ ଆକୃତିର ବକ୍କଳ ହେଉଛି 'ଢୁମ୍ପା ବାଦ୍ୟ'।

ଖଣ୍ଡପଡ଼ା ଅଞ୍ଚଳରେ ପରିବେଷଣ କରାଯାଉଥିବା ଢୁମ୍ପା ନିମନ୍ତେ ବ୍ୟବହୃତ ବାଦ୍ୟଯନ୍ତ୍ରର ପ୍ରସ୍ତୁତି ଏକ ଆୟାସସାଧ୍ୟ ବ୍ୟାପାର । ମୁଖ୍ୟତଃ ଗଣ୍ଠି ନଥିବା ସଳଖ ତଥା ଗୋଲାକୃତି ଗଣ୍ଠି ଥିବା ନିଖୁଣ ବୃକ୍ଷ ଢୁମ୍ପାପାଇଁ ଚୟନ କରାଯାଏ । ବୃକ୍ଷ ନିର୍ବାଚନ ପରେ ପ୍ରଥମେ ଏହାକୁ ପୂଜା କରାଯାଇଥାଏ । ଅନ୍ୟୂନ ଦଶଜଣ ସଦସ୍ୟଙ୍କ ସହାୟତାରେ ଏହାକୁ ବାହାର କରିବାର ପ୍ରକ୍ରିୟା ଆରମ୍ଭ ହୁଏ । ଏଥିପାଇଁ ବ୍ୟବହୃତ ଉପକରଣଗୁଡ଼ିକ ହେଲା କାତି, ଟାଙ୍ଗିଆ, ପାଞ୍ଚହାତ ଲମ୍ବର ଧଉରାକାଠ ଓ କୋଡ଼ିଏହାତ ଲମ୍ବର ଝୋଟ-ନିର୍ମିତ ଲଙ୍ଗଳ ଦଉଡ଼ି । ସ୍ୱତନ୍ତ୍ର କୌଶଳକ୍ରମେ କୁଶଳୀ ଲୋକମାନେ ଏହାକୁ ଗଛରୁ ସତର୍କତାର ସହ ବାହାର କରିଥାନ୍ତି । ଏଥିପାଇଁ ପ୍ରାୟ ତିନିରୁ ଚାରି ଘଣ୍ଟା ସମୟ ଲାଗିଥାଏ । ପରିଶେଷରେ ବାହାରି ଆସେ ନଳ ଆକାରର ଏକ ଅକ୍ଷତ ଖୋଳ । ଏହି ନଳ ରୂପକ ଖୋଳଟି 'ଢୁମ୍ପା ବାଦ୍ୟଯନ୍ତ୍ର' ଭାବେ ପରିଚିତ (୨) । ଯେଉଁ ବୃକ୍ଷରୁ ଢୁମ୍ପା ବାଦ୍ୟ ସଂଗୃହିତ ହୋଇଥାଏ, ସେ ବୃକ୍ଷଟି ମରିଯାଏ ନାହିଁ । ତାହାର ମୂଳ ଗଣ୍ଡିରୁ ନୂଆ ଗଜା ବାହାରି ପୁନର୍ବାର ବୃକ୍ଷ ରୂପେ ଦଣ୍ଡାୟମାନ ହୋଇଥାଏ ।

## ଇତିହାସ ଓ ଜନଶ୍ରୁତି

ଆଞ୍ଚଳିକ ଜନଶ୍ରୁତିକୁ ଆଧାର କରି ଢୁମ୍ପାର ପ୍ରାଚୀନ ପରମ୍ପରା ଜନଜାତିରୁ ଆରମ୍ଭ ହୋଇଥିବାର ସୂଚନା ମିଳେ । ସମ୍ଭବତଃ ପଞ୍ଚଦଶ/ଷୋଡ଼ଶ ଶତାବ୍ଦୀ କାଳରେ ଖଣ୍ଡପଡ଼ାର ପ୍ରାଚୀନ ଅଧିବାସୀମାନେ ଏହି କଳାକୁ ଜଙ୍ଗଲରେ ପରିବେଷଣ କରୁଥିବାର ବିଶ୍ୱାସ ରହିଛି । ଏହାର ସୃଷ୍ଟି କିପରି ହେଲା ବା କିଏ ଏହାର ସୃଷ୍ଟିକର୍ତ୍ତା- ଏହା ଅଜ୍ଞାତ । ଜନଜାତି ସମ୍ବନ୍ଧିତ ଆଲୋଚନାକୁ ଦୃଷ୍ଟିଦେଲେ ଜଣାପଡ଼େ ଯେ, ଜନଜାତୀୟ କଳାର ମୌଳିକତା ସମ୍ଭ୍ରାନ୍ତ ସମାଜକୁ ଆସି ନିଜର ପରିଚୟ ସୃଷ୍ଟି କରିଛି । ଢୁମ୍ପା ମଧ୍ୟ ଏହି ପରି ଏକ ମୌଳିକ କଳା । ସମ୍ଭବତଃ ଖଣ୍ଡପଡ଼ା ଗଡ଼ଜାତ ଅଞ୍ଚଳର ଜଙ୍ଗଲରେ ବାସ କରୁଥିବା ଆଦିମ ଅଧିବାସୀମାନେ ବର୍ଷା ଦିନରେ ନିଜର ମନୋରଞ୍ଜନ ପାଇଁ ଏହାକୁ ସୃଷ୍ଟି କରିଥିଲେ ବୋଲି ଗ୍ରହଣ କରାଯାଇପାରେ । ସେ ସମୟରେ ସ୍ଥାନୀୟ 'କନ୍ଧ' ସମ୍ପ୍ରଦାୟ ଏହି ଲୋକ ପରମ୍ପରାର ସୃଷ୍ଟିକର୍ତ୍ତା ବୋଲି ମତ ରହିଛି । ପୁରୁଷମାନେ ଜଙ୍ଗଲରୁ କାଠ ଆଣିବା ସମୟରେ କ୍ଲାନ୍ତି ଅପନୋଦନପାଇଁ ଏହାକୁ ପରିବେଷଣ କରୁଥିଲେ । ଏଥିପାଇଁ ବିଧିବଦ୍ଧ ଭାବରେ କୌଣସି ସଙ୍ଗୀତ ଲେଖାଯାଇନଥିଲା । ଲୋକମାନେ ନିଜ ମନରୁ ଗୀତ ଭାଙ୍ଗି ଏହି ବାଦ୍ୟର ତାଳେତାଳେ ଗାଉଥିଲେ ।

ସୂଚନାନୁଯାୟୀ, ଉନବିଂଶ ଶତାବ୍ଦୀରେ ଏହି ବାଦ୍ୟ ପରିବେଷଣ ସମୟରେ ଖଣ୍ଡପଡ଼ାର ରାଜା ମୃଗୟାରେ ଯାଇଥିବା ବେଳେ ଶୁଣିବାକୁ ପାଇଥିଲେ । ଯାହାକି ତାଙ୍କ କଳାସିକ୍ତ ମନରେ ଆକର୍ଷଣ ସୃଷ୍ଟି କରିଥିଲା । ଢୁମ୍ପା ବାଦ୍ୟର ତାଳରେ ସେ ହୋଇଥିଲେ ବିଭୋର; ମନ୍ତ୍ରମୁଗ୍ଧ କରିଥିଲା ତାଙ୍କୁ ଏହାର ଚିତ୍ତହରଣକାରୀ ଧ୍ୱନି । ପରବର୍ତ୍ତୀ କାଳରେ ରାଜାଙ୍କ ଆଦେଶକ୍ରମେ ଏହା ଖଣ୍ଡପଡ଼ା ଅଞ୍ଚଳର ସମ୍ଭ୍ରାନ୍ତ ସମାଜକୁ ପ୍ରବେଶ କରିଥିଲା । ପୂର୍ବରୁ ତୁରନ୍ତ କବି ଓ ବାଦ୍ୟକାରମାନେ ଏହାକୁ ଜଙ୍ଗଲରେ ପରିବେଷଣ କରୁଥିଲେ ବୋଲି ଏହା ଆଦୃତ ହୋଇପାରିନଥିଲା; ମାତ୍ର ବିଦଗ୍ଧ ସମାଜକୁ ପ୍ରବେଶ କରିବା ପରେ ଏହାର ଆଦୃତି ବୃଦ୍ଧି ପାଇବାରେ ଲାଗିଲା (୩) ।

ଏହି ପରିପ୍ରେକ୍ଷୀରେ ବିଶ୍ୱ ବିଖ୍ୟାତ ଜ୍ୟୋତିର୍ବିଦ୍ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ (ପଠାଣି ସାମନ୍ତ)ଙ୍କ ମଧ୍ୟମ ପୁତ୍ର କବି ଗଦାଧର ସିଂହ ସାମନ୍ତଙ୍କ ଅବଦାନ ଅବିସ୍ମରଣୀୟ । ଢୁମ୍ପା ବାଦ୍ୟର ତାଳ ତାଙ୍କୁ ଏଭଳି ଅଭିଭୂତ କରିଥିଲା ଯେ, ଏଥି ନିମନ୍ତେ ସେ ସ୍ୱୟଂ ଗୀତ ରଚନା କରିଥିଲେ । ଏହାର ଉନ୍ନତି ପାଇଁ ନିଜର କବି ପ୍ରତିଭା ଦ୍ୱାରା ସେ ଅନେକ ଓଡ଼ିଶୀ ସଂଗୀତ ତଥା ଚଉପଦୀ ରଚନା କରିଛନ୍ତି । ଏହି ସୃଜନଶୀଳତାର ସ୍ପଷ୍ଟଚିତ୍ର ଆମେ ଦେଖିବାକୁ ପାଉ ତାଙ୍କର 'ପ୍ରବନ୍ଧ ପଞ୍ଚାମୃତ' ନାମକ ଗ୍ରନ୍ଥରୁ; ଯାହାକି ଦୁଇଟି ଭାଗରେ ସଂକଳିତ (୪) । ଏହିଠାରେ ଘଟିଲା ଜନଜାତୀୟ କଳା ସହିତ ସମ୍ଭ୍ରାନ୍ତ ସାହିତ୍ୟର ମହାମିଳନ । ଏକୀଭୂତ ହେଲା ଜନଜାତୀୟ ସଂସ୍କୃତି ଓ ବିଦଗ୍ଧ ସାରସ୍ୱତ ସାଧନା । କବି ଗଦାଧର ସିଂହସାମନ୍ତଙ୍କ ବ୍ୟତୀତ କବି ବନମାଳୀ ଦାସ, କବି ଦାମୋଦର ବାହିନୀପତି, କବି ରାଜା ହରିହର ସିଂହ ମର୍ଦ୍ଦରାଜ ପ୍ରମୁଖ ଢୁମ୍ପା ସଙ୍ଗୀତ ରଚନା କରିଛନ୍ତି । ଖଣ୍ଡପଡ଼ା ରାଜବାଟୀର ସୁବିସ୍ତୃତ ଅଗଣାରୁ ଏହାର ଶୁଭାରମ୍ଭ ହୋଇଥିଲା ସମସାମୟିକ ସଙ୍ଗୀତ-ରସିକମାନଙ୍କୁ ନେଇ ।

## ବର୍ଷାକାଳୀନ ସଙ୍ଗୀତ ଢୁମ୍ପା

ଢୁମ୍ପା ସଙ୍ଗୀତ ପରିବେଷଣର ପ୍ରକୃଷ୍ଟ ସମୟ ହେଉଛି ବର୍ଷାଋତୁ । କାରଣ ଢୁମ୍ପା ବାଦ୍ୟ ଗଛରୁ ଥରେ ବାହାର କରାଗଲା ପରେ ଅନେକ ଦିନ ପର୍ଯ୍ୟନ୍ତ ରହେନାହିଁ । ଯାହା ଫଳରେ ଏହା ବାରମ୍ବାର ପରିବେଷଣ କରାଯିବା ସମ୍ଭବପର ନୁହେଁ। ଏହି ବାଦ୍ୟର ଅସ୍ଥାୟୀ ପ୍ରକୃତି ଯୋଗୁଁ ତଥା ଏହାକୁ ବାହାର କରିବା ଏକ କଷ୍ଟକର ବ୍ୟାପାର ହୋଇଥିବା ହେତୁ ଢୁମ୍ପା ପରିବେଷଣ ବର୍ଷତମାମ ହୋଇପାରେ ନାହିଁ । ବର୍ଷାଦିନେ ଏହି ବାଦ୍ୟ କାଢ଼ିବା ସହଜ ହୋଇଥିବାରୁ ଏହାକୁ ବର୍ଷାକାଳୀନ ବାଦ୍ୟ ରୂପେ ଅଭିହିତ କରାଯାଇପାରେ । ଏହି ବର୍ଷାକାଳୀନ ଢୁମ୍ପା ବାଦ୍ୟକୁ ଆଧାର କରି ସଙ୍ଗୀତ ଆସର ଆରମ୍ଭ ହୁଏ ପ୍ରତିବର୍ଷ ରାସପୂର୍ଣ୍ଣିମା ଅବସରରେ । ଖଣ୍ଡପଡ଼ା ଅଞ୍ଚଳର ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରାଧାକୃଷ୍ଣ ଝୁଲଣ ଦୋଳିରେ ଝୁଲୁଥିବା ସମୟରେ ଝୁଲଣ ବେଦି ସମ୍ମୁଖରେ ଝଙ୍କୃତ ହୁଏ 'ଢୁମ୍ପା ସଙ୍ଗୀତ' । ଏତଦ୍‌ବ୍ୟତୀତ ରଥଯାତ୍ରା, ଗଣେଶ ପୂଜା, ଦଶହରା, କୁମାର ପୂର୍ଣ୍ଣିମା ଆଦି ଉତ୍ସବମାନଙ୍କରେ ଢୁମ୍ପା ପରିବେଷଣ କରାଯାଏ । ପରବର୍ତ୍ତୀ କାଳରେ ଶୀତଋତୁ ଆସେ । ପ୍ରକୃତିର ଲୀଳା ଅନୁଯାୟୀ ଭେଣ୍ଡିଆମର୍ଦ୍ଦନ ଓ ରାଜମଇ ଗଛରୁ ସ୍ୱତଃନିର୍ଗତ ତରଳ ରସ ଶୁଷ୍କ ହେବାକୁ ଲାଗେ ଏବଂ ଢୁମ୍ପା ବାଦ୍ୟ ବାହାର କରିବାର ପ୍ରକ୍ରିୟାକୁ କଷ୍ଟସାଧ

କରିଦିଏ । ଏହି ମନୋରଞ୍ଜନଧର୍ମୀ କଳାକୁ ମନଭରି ଉପଭୋଗ କରିବା ପାଇଁ ପୁଣି ଥରେ ଅପେକ୍ଷା କରିବାକୁ ପଡ଼େ ପରବର୍ତ୍ତୀ ବର୍ଷକୁ, ବର୍ଷାଋତୁକୁ ।

**ପରିବେଷଣ କଳା**

ଢୁମ୍ପା ସଙ୍ଗୀତ ପରିବେଷଣ ସମୟରେ ଏହି ନଳାକୃତି ବାଦ୍ୟକୁ ଉଭୟପଟୁ ଦଉଡ଼ି ସାହାଯ୍ୟରେ ବାନ୍ଧି ସମାନ୍ତରାଳ ଭାବରେ ଝୁଲାଇ ରଖାଯାଏ । ଦୁଇ ପାର୍ଶ୍ୱରେ ଚାରିଜଣ ବାଦକ ହାତରେ ଦୁଇଟି ଲେଖାଏଁ କାଠି ଧରି ଏହାକୁ ବଜାଇଥାନ୍ତି । ସେମାନଙ୍କୁ କାଠିଆ କୁହାଯାଏ। ଯେଉଁ କାଠି ଢୁମ୍ପା ବାଦନ ପାଇଁ ବ୍ୟବହାର କରାଯାଏ, ତାହାକୁ ଝୁମୁକି କାଠି କୁହାଯାଏ । ଏହା ସିସୁ କାଠରୁ ପ୍ରସ୍ତୁତ କରାଯାଇଥାଏ । ଏଥି ସହିତ ଅନ୍ୟଜଣେ ବାଦକ ଗୋଟିଏ ଝୁମୁକି କାଠି ଧରି ଅନ୍ୟହାତରେ ଢୁମ୍ପାରେ ବନ୍ଧାଯାଇଥିବା ଦଉଡ଼ିକୁ ଧରି ତାଳ ଅନୁଯାୟୀ ଢୁମ୍ପା ବାଦ୍ୟକୁ ନିଜ ପେଟରେ ଲଗାନ୍ତି । ଏହାକୁ ଢୁମ୍ପିବା କର୍ମ କୁହାଯାଏ । ଏହି କର୍ମଟି ଯେଉଁ ବାଦକ କରିଥାନ୍ତି, ତାଙ୍କୁ 'ଢୁମ୍ପାଳି' କୁହାଯାଏ । ଢୁମ୍ପାର ଗୋଟିଏ ପାର୍ଶ୍ୱ ଖୋଲାଥିବା ବେଳେ ଅନ୍ୟପାର୍ଶ୍ୱଟି ଢୁମ୍ପାଳିଙ୍କ ପେଟରେ ଲାଗି ଧ୍ୱନି ପରିବର୍ତ୍ତନରେ ସହାୟକ ହୋଇ ମଧୁମୟ ତାଳ ସୃଷ୍ଟି କରେ । ମୁଖ୍ୟ-ଗାୟକ ଢୁମ୍ପା ସଙ୍ଗୀତ ଗାଇବା ପରେ ପାଳିଆମାନେ ଏହାକୁ ଅନୁସରଣ କରନ୍ତି । ଢୁମ୍ପା ବାଦ୍ୟ ସହିତ ବଜାଯାଉଥିବା ଅନ୍ୟାନ୍ୟ ବାଦ୍ୟଯନ୍ତ୍ରଗୁଡ଼ିକ ହେଲା ହାର୍ମୋନିୟମ୍, ମର୍ଦ୍ଦଳ, ମନ୍ଦିରା, ବୀଣା, ଖଞ୍ଜଣି, ରାମତାଳି ଓ ଘୁଙ୍ଗୁର ଇତ୍ୟାଦି (୫)। ଢୁମ୍ପା ହେଉଛି ଏକ ତାଳବାଦ୍ୟ। ଏହାର ମୁଖ୍ୟତଃ ଦୁଇଟି ତାଳ ରହିଛି। ଗୋଟିଏ 'ଚାଲି' ଅନ୍ୟଟି 'ଖେମଟା' । ଚାଲି ତାଳ ଓ ଖେମଟା ତାଳର ବୋଲ୍ ଅଲଗା ଅଲଗା । ଏହା ବ୍ୟତୀତ ଉଭା ବାଦ୍ୟ ନାମରେ ମଧ୍ୟ ଗୋଟିଏ ତାଳ ରହିଛି, ହେଲେ ଏହାର ବ୍ୟବହାର ବହୁତ ଗୌଣ । ନିମ୍ନରେ ଉଭୟ ତାଳର ବୋଲ୍ ଆଲୋଚନା କରାଗଲା (୬)।

**ଚାଲିତାଳ**

ତାରି ଖ୍ଟା ତାକ୍ଝିଣା - ତାରି ଖ୍ଟା ତାକ୍ଝିଣା
ଝେଣାକ୍ଝେଣାକ୍ଝେଣା - ତାରି ଖ୍ଟା ତାକ୍ଝେଣା
ଝେଣା ଖ୍ଟା ତା
ଝେଣା ଖ୍ଟା ତା
ଝେଣା ଖ୍ଟା ତା
ତା ତା ତା ଝିଣାଖ୍ଟା ତା ।

**ଖେମଟା ତାଳ**

ତାରି ଖ୍ଟା ଝିଣା ତାରି ଖ୍ଟା ଝିଣା
ତାରି ଖ୍ଟା ଝିଣା ତାରି ଖ୍ଟା ଝିଣା
ଝେଣାଖ୍ଟା ଝେଣାଖ୍ଟା ଝେଣାଖ୍ଟା ତା
ତା ତା ଝେଣାଖ୍ଟା ତା ।

**କବି ଓ କବିତ୍ୱ**

ଖଣ୍ଡପଡ଼ା ଢୁମ୍ପା ସଙ୍ଗୀତରେ ଯେଉଁ ଗୀତଗୁଡ଼ିକ ବୋଲାଯାଏ, ତାହା ମୁଖ୍ୟତଃ ଗଦାଧର ସିଂହ ସାମନ୍ତ, କବି ବନମାଳି ଦାସ,କବି ଦାମୋଦର ବାହିନୀପତି, ନରସିଂହ ସିଂହ ସାମନ୍ତଙ୍କ ରଚନା । କବିଚନ୍ଦ୍ର କାଳିଚରଣ ପଟ୍ଟନାୟକ ତାଙ୍କ 'କୁମ୍ଭାର ଚକ' ପୁସ୍ତକରେ ଖଣ୍ଡପଡ଼ାର ଢୁମ୍ପା ସଙ୍ଗୀତ ସମ୍ପର୍କରେ ଉଲ୍ଲେଖ କରିବା ସହିତ ଏଥିରେ ରାଜା ନଟବର ସିଂହ ମର୍ଦ୍ଦରାଜ, କବି ଗଦାଧର ସିଂହ ସାମନ୍ତ, ସନାତନ ସିଂହ ସାମନ୍ତଙ୍କ ନାମୋଲ୍ଲେଖ କରିଛନ୍ତି ।

ନିମ୍ନରେ କବି ଗଦାଧର ସିଂହ ସାମନ୍ତ, କବି ନଟବର ସିଂହ ମର୍ଦ୍ଦରାଜ ଓ କବି ବନମାଳି ଦାସଙ୍କର ଗୋଟିଏ ଲେଖାଏଁ ଗୀତ ସମ୍ପର୍କରେ ଆଲୋଚନା କରାଯାଇପାରେ ।

**ଢୁମ୍ପା ସଂଗୀତରେ ବାଳୀ**

ଢୁମ୍ପା ସଂଗୀତରେ ବାଳୀ ଝୁମ୍ପା ଝାଙ୍କେ ଚିଲ୍ଲୀ ଚାଳି
ହର୍ମ୍ୟ ସରୋବରେ ରମ୍ୟ କେଳି କରେ ସେ କି ସୁବର୍ଣ୍ଣ ମରାଳି ।୦।
ସହଜେ ହୋଇଛି ଘନ ଯାମିନୀ ଚହଟଇ ଝଟଝଟ ଦାମିନୀ
ଦମ୍ଭଳି ଗମ୍ଭୀର ନାଦରେ ଦର୍ଦ୍ଦୁର ନିଃସ୍ୱନ ଦେଇଛି ଝାଳି ।୧।
କର୍ଣ୍ଣୀରବ ମଧ୍ୟା ଅପସରକୁ କି ଠିକେ ଦେଇଛି ପିଠି ଭରକୁ
ବଜାଇ ଝମକ ଝଳି ଝକମକ ଦନ୍ତୀ ଦନ୍ତ ରାମତାଳି ।୨।
x x x
ଅନଙ୍ଗ ମଙ୍ଗଳମୟ ପ୍ରତିମା କନକାଙ୍ଗୀ ଯେ ବୃଷଭାନୁ ଜେମା
କହେ ଗଦାଧର ସିଂହ ଯା ତାଙ୍କର ନ ଜନ୍ମିଲି ହୋଇ ଆଳି (୭)।

**(କବି ଗଦାଧର ସିଂହ ସାମନ୍ତ)**

ଏହା ହେଉଛି ଢୁମ୍ପାର ଶୀର୍ଷକ ସଙ୍ଗୀତ। ରାଧା ତାଙ୍କ ସଖୀମାନଙ୍କ ସହିତ ବର୍ଷା କାଳରେ ନିଜେ ଢୁମ୍ପା ପରିବେଷଣ କରିବା ବିଷୟକୁ କେନ୍ଦ୍ର କରି ଏହି ଗୀତଟି ରଚନା କରାଯାଇଛି । ବର୍ଷାର ଧାରା ଓ ଢୁମ୍ପାର ତାଳ ରାଧା ଏବଂ ତାଙ୍କ ସଖୀମାନଙ୍କ ମଧ୍ୟରେ ପୁଲକ ସୃଷ୍ଟି କରିବା ସହିତ ଗୋପ ନରନାରୀଙ୍କୁ ଆହ୍ଲାଦିତ କରୁଛି ।

**ବିପତ୍ତିନାଶିନୀ ସର୍ବମଙ୍ଗଳା**

ବୁଡ଼ିଲା ଭେଳା ରଖ ବିମଳା
ବିପତ୍ତିନାଶିନୀ ସର୍ବମଙ୍ଗଳା, ବାଳା ବଗଳା
ବିପ୍ର ବତ୍ସଳା, ବନଜ ଡୋଳା
ବକ୍ଷେ ଶୋଭା ଦନୁଜ ମୁଣ୍ଡମାଳା ।୦।
ବିନ୍ଧ୍ୟାଦ୍ରି-ବାସିନୀ ଅଟ୍ଟହାସିନୀ ଅଘଚୟ ବିନାଶିନୀ
ବରଦାତ୍ରୀ କାଳରାତ୍ରି ଜଗଦ୍ଧାତ୍ରୀ କାଳୀନିଶାଶ୍ମଶାନବିନୋଦିନୀ
ବଳି-ଭକ୍ଷିଣୀ ବଳ-ମର୍ଦ୍ଦିନୀ ବାରିଜାନନୀ
ବିନାୟକ କାର୍ତ୍ତିକେୟ ଜନନୀ ।୧।
ବଧି ଖଣ୍ଡ ଖଣ୍ଡ କଲୁ ଚଣ୍ଡ ମୁଣ୍ଡ ରକ୍ତବୀର୍ଯ୍ୟ ମୈଷାସୁର
ବଡ଼ବଡ଼ ଦୈତ୍ୟେ ଥିଲେ ଯେତେଯେତେ
ଶୁମ୍ଭନିଶୁମ୍ଭ ଆଦି ନିଶାଚର
ବେଗେ ତାଙ୍କର ବହି ମୁଦ୍‌ଗର ବିନାଶି ଶିର
ବଳ ସହିତେ କଲୁ ଅପହର ।୨।
x x x
ବିଜେ କ୍ଷେତ୍ର ପରେ ବିଷ୍ଣୁ ନୈଋତରେ ବିମଳା ନାମରେ ଖ୍ୟାତି

ବିଭାବରୀ ଦିବା ଅହର୍ନିଶ କିବା ବିଷ୍ଣୁ କୈବଲ୍ୟ ପାନେ ତୋଷ ମତି
ବିମଳା ସ୍ତୁତି ବାଳୁତମତି ବଳାରେ ଭକ୍ତି
ବାହୁଜଜ ନଟବର ବଦତି ।

**( କବି ନଟବର ସିଂହ ମର୍ଦ୍ଦରାଜ)**

ରାଜା ନଟବର ସିଂହ ମର୍ଦ୍ଦରାଜଙ୍କ ଦ୍ୱାରା ଲିଖିତ ଏହି ଗୀତଟି ବୀରରସ ଆଧାରିତ। କବି ଜଣେ ଶକ୍ତି-ଉପାସକ। ଦେବୀ ସର୍ବମଙ୍ଗଳାଙ୍କ ନିକଟରେ ସେ ନିଜର ସର୍ବସ୍ୱ ସମର୍ପି ଦେଇ ଜଣାଣ ଗାନ କରିଛନ୍ତି। ଏହି ଗୀତଟି ଅନ୍ୟ ଢୁମ୍ପା ଗୀତଗୁଡ଼ିକଠାରୁ ପୃଥକ୍। ଢୁମ୍ପାରେ ଗାନ କରାଯାଉଥିବା ପ୍ରାୟ ସମସ୍ତ ଗୀତ ରାଧାକୃଷ୍ଣ ପ୍ରେମଲୀଳା ଆଧାରିତ। ସେ ଦୃଷ୍ଟିରୁ ଏହି ଗୀତଟି ଏକ ବ୍ୟତିକ୍ରମ ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ। ଏହି ଗୀତଟି ପରିବେଷଣ କରାଯିବା ସମୟରେ ଢୁମ୍ପା ବାଦ୍ୟ ସାହାଯ୍ୟରେ 'ଉଭାବାଦ୍ୟ' ନାମକ ତାଳ ବାଦନ କରାଯାଏ।

**ରସାମଣ୍ଡନା:**

ରସାମଣ୍ଡନା
ଯୋଷାମଣିକି ମୋ ମେଜେଷ୍ଟରୀ
ମୋ ଅଙ୍କ ପଲଙ୍କେ ବସି କର ତୁ ପ୍ରେମ କଚେରି।୦।
ବିନୟ ଦର୍ଖାସ୍ତ ମୋର ହେଉ କଲମ ଇଝାର
ନେତ୍ର ଚପରାସୀ ତୋର କରୁ ଏ ସମନ ଜାରି।୧।
ପାପୀ ମଦନ ମୋତେ ପ୍ରହାର କରୁଛି କେତେ
ଧର୍ମଅବତାର ଚିତ୍ତେ ବିଚାରିବେ ଫୌଜଦାରୀ।୨।
ନ୍ୟାୟ କରିଣ ବୁଝିବ, ଯାହାର କସୁର ହେବ
ବିଚାରିଣ ଦଣ୍ଡ ଦେବ ବାହୁପାଶେ ବାନ୍ଧିକରି।୩।
ଦାସ ବନମାଳୀ କହି ଅପିଲ କରିବା ପାଇଁ
ଆଉ ନଥିବେଟି କେହି ଆଇନକୁ ଥିବୁ ଧରି।୪।

**(ବନମାଳୀ ଦାସ)**

**ଢୁମ୍ପା ସଙ୍ଗୀତର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତ**

ସମ୍ପ୍ରତି ଖଣ୍ଡପଡ଼ାରେ ଗଦାଧର ଢୁମ୍ପା ସଙ୍ଗୀତ ପରିଷଦ ଦ୍ୱାରା ଢୁମ୍ପା ସଙ୍ଗୀତ ପରିବେଷଣ କରାଯାଉଅଛି । ଖଣ୍ଡପଡ଼ାର ଅଧିବାସୀମାନେ କଳାପ୍ରେମୀ ତଥା ସାହିତ୍ୟପ୍ରେମୀ । ଢୁମ୍ପା ସଙ୍ଗୀତ ପ୍ରତି ସେମାନଙ୍କର ଆଗ୍ରହ ଓ ଆଦର ପୂର୍ବବତ୍‌ରହିଅଛି। ଓଡ଼ିଶାର ବିଭିନ୍ନ ସ୍ଥାନରେ ସରକାରୀ ତଥା ବେସରକାରୀ ଅନୁଷ୍ଠାନ ପକ୍ଷରୁ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଖଣ୍ଡପଡ଼ାର ଢୁମ୍ପା କଳାକାରମାନେ ନିଖୁଣ ଭାବରେ ଏହାକୁ ପ୍ରଦର୍ଶନ କରାଇବା ସହିତ ଅଜସ୍ର ଶୁଭେଚ୍ଛା ତଥା ପ୍ରସଂଶା ପ୍ରାପ୍ତ ହୋଇଛନ୍ତି । ପୂର୍ବରୁ ଯେଉଁ କଳାକାରମାନେ ଢୁମ୍ପା ପରିବେଷଣ କରୁଥିଲେ ସେମାନଙ୍କଠାରୁ ଶିକ୍ଷାଲାଭ କରି ବର୍ତ୍ତମାନ ପିଢ଼ି ଏହାକୁ ଉଚ୍ଚତର ସୋପାନକୁ ଉନ୍ନୀତ କରାଇବା ଲାଗି ପ୍ରତିଶ୍ରୁତିବଦ୍ଧ । ବିଂଶ ଶତାବ୍ଦୀର ଶେଷ ଭାଗରେ ଗଦାଧର ଢୁମ୍ପା ସଙ୍ଗୀତ ପରିଷଦ ସରକାରୀ ମାନ୍ୟତାପ୍ରାପ୍ତ ହେବା ପରେ ଏହି ଶିକ୍ଷଣ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିଛି । ଏହି ମନୋରଞ୍ଜନଧର୍ମୀ କଳାକୁ ସର୍ବଜନାଦୃତ କରିବା ଲକ୍ଷ୍ୟରେ ଗଦାଧର ଢୁମ୍ପା ସଙ୍ଗୀତ ପରିଷଦ କାର୍ଯ୍ୟଶୀଳ ହୋଇଛି ।

ରାଜା ହରିହର ସିଂହ ମର୍ଦ୍ଦରାଜଙ୍କ ପ୍ରୋତ୍ସାହନ ଏବଂ ଢୁମ୍ପା ସଙ୍ଗୀତ ଅନୁରାଗକୁ ପାଥେୟ କରି ପିଢ଼ି ପରେ ପିଢ଼ି ଅନେକ ସଙ୍ଗୀତଜ୍ଞ, ଗାୟକ ଓ ବାଦକ ଢୁମ୍ପା ସଙ୍ଗୀତକୁ ଋଦ୍ଧିମନ୍ତ କରିଛନ୍ତି । ପ୍ରାରମ୍ଭିକ କାଳରେ ଢୁମ୍ପା ସଙ୍ଗୀତ ବିଶାରଦ ନରସିଂହ ସିଂହ ସାମନ୍ତ, ସନାତନ ସିଂହ, ପଦ୍ମନାଭ ରଥ, ବଳରାମ ମହାପାତ୍ର, ବୈଦ୍ୟନାଥ ଷଡ଼ଙ୍ଗୀ, ଲକ୍ଷ୍ମଣ ପାଟ୍ଟଯୋଶୀ, ଫକୀର ମୁକ୍ତିଆର, ଭଗବାନ ଦାସ, ରାଧାମୋହନ ପଟ୍ଟନାୟକ, ଜାନକୀବଲ୍ଲଭ ପଟ୍ଟନାୟକ ପ୍ରମୁଖ ଢୁମ୍ପା ସଙ୍ଗୀତ ପରିବେଷଣ କରୁଥିଲେ । ପରବର୍ତ୍ତୀ କାଳରେ କାଳନ୍ଦୀ ଚରଣ ରଥ, ଗଙ୍ଗାଧର ପାତ୍ର, ଜଗନ୍ନାଥ ବାରିକ, ତ୍ରିଲୋଚନ ମିଶ୍ର, ଲିଙ୍ଗରାଜ ରଥ, ଗଙ୍ଗାଧର ଦାଶ, ସୁରେଶ ମହାପାତ୍ର, ଭିକାରି ମହମ୍ମଦ, ଭାରତୀଭୂଷଣ ମିଶ୍ର, ଗିରିଧାରୀ ବାରିକ, ଦୀନବନ୍ଧୁ ସାହୁ, ଦୁର୍ଗାମାଧବ ମହାପାତ୍ର, କିଶୋର ଚନ୍ଦ୍ର ରଥ, ସଚ୍ଚିଦାନନ୍ଦ ମହାପାତ୍ର, ଲକ୍ଷ୍ମୀକାନ୍ତ ଦାଶ, ଦୀପକ ମିଶ୍ର, ଦେବାଶିଷ ରଥ, ଗଙ୍ଗାଧର ମହାରଣା, ନିଖିଳ ବିହାରୀ ରଥ, ଚିରନ୍ତନ ମହାପାତ୍ର, ଦର୍ପଦଳନ ରଥ ପ୍ରମୁଖ ଢୁମ୍ପା ସଙ୍ଗୀତ ପ୍ରତି ନିଜର ଅନୁରାଗକୁ ଅକ୍ଷୁଣ୍ଣ ରଖି ଏହାକୁ ଉଜ୍ଜୀବିତ କରି ରଖିବା ଦିଗରେ ଅଗ୍ରସର ହୋଇଛନ୍ତି ।

ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର, କୋଲକାତା (EZCC) ଆନୁକୂଲ୍ୟରେ ୨୦୦୮-୦୯ ମସିହାରେ 'ଗୁରୁଶିଷ୍ୟ ପରମ୍ପରା' କାର୍ଯ୍ୟକ୍ରମରେ ଯୋଗଦେଇ ଗଦାଧର ଢୁମ୍ପା ସଂଙ୍ଗୀତ ପରିଷଦର କଳାକାରମାନେ ସମଗ୍ର ଭାରତବର୍ଷରେ ପ୍ରଶଂସିତ । ଗୁରୁ ସ୍ୱର୍ଗତ କାଳନ୍ଦୀ ଚରଣ ରଥଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ସହଯୋଗୀ ଗୁରୁ ସ୍ୱର୍ଗତ ଗଙ୍ଗାଧର ଦାଶ, ସ୍ୱର୍ଗତ କିଶୋର ଚନ୍ଦ୍ର ରଥ ଏବଂ ଶ୍ରୀଯୁକ୍ତ ଦୁର୍ଗାମାଧବ ମହାପାତ୍ରଙ୍କ ମାର୍ଗଦର୍ଶନରେ ନୂତନ ପିଢ଼ିର କଳାକାରମାନେ ଚିତ୍ତାକର୍ଷକ ଢୁମ୍ପା ପରିବେଷଣ କରି ଜାତୀୟ ସ୍ତରରେ ଓଡ଼ିଶାର ପ୍ରତିନିଧିତ୍ୱ କରିଥିଲେ ।

ବ୍ୟସ୍ତବହୁଳ ଜୀବନ ଶୈଳୀ ସତ୍ତ୍ୱେ ଢୁମ୍ପା କଳାକାରମାନେ ଏହି ଅନନ୍ୟ କଳାଟି ପ୍ରତି ଯେଉଁ ଶ୍ରଦ୍ଧାଭାବ ରଖିଛନ୍ତି, ତାହା ବାସ୍ତବରେ ଅବିଶ୍ୱସନୀୟ । ଭବିଷ୍ୟତରେ ପ୍ରତିଭାବାନ୍‌ଶିଶୁ, କିଶୋର, ଯୁବ କଳାକାରମାନଙ୍କୁ ନେଇ ଢୁମ୍ପା ସଙ୍ଗୀତ ପ୍ରତି ଆକୃଷ୍ଟ କରି ଦକ୍ଷ କଳାକାର ଭାବେ ଗଢ଼ିବା ପାଇଁ ଅବ୍ୟାହତ ପ୍ରଚେଷ୍ଟା ଜାରି ରଖିଛି 'ଗଦାଧର ଢୁମ୍ପା ସଙ୍ଗୀତ ପରିଷଦ' ।

**ଉପସଂହାର**

ଜନଜାତୀୟ କଳା ଓ ବିଦଗ୍ଧ ମାନସର ମହାସଂସର୍ଗରୁ ସୃଷ୍ଟ ଖଣ୍ଡପଡ଼ାର ଢୁମ୍ପା ସଙ୍ଗୀତ। ଏହି ମୌଳିକତା ହିଁ ସମଗ୍ର ବିଶ୍ୱରେ ଢୁମ୍ପା ସଙ୍ଗୀତକୁ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଛି। ମନୋରଞ୍ଜନ ଏହାର ପ୍ରମୁଖ ଉଦ୍ଦେଶ୍ୟ; ଯେଉଁ ପରମ୍ପରାକୁ ଭିତ୍ତି କରି ଏହା ସୃଷ୍ଟି ହୋଇଛି, ତାହା ଜନମାନସରେ ଆଙ୍କିଦେଇଛି ନିଜର ସ୍ୱର୍ଣ୍ଣିମ ସ୍ୱାକ୍ଷର। କାଳାନୁକ୍ରମିକ ପରିବର୍ତ୍ତନ ପରେ ମଧ୍ୟ ନିଜର ସ୍ୱତନ୍ତ୍ରତାକୁ ଅକ୍ଷୁଣ୍ଣ ରଖି ଏହା ଲୋକକଳା ଓ ସାହିତ୍ୟ ଇତିହାସର ଅନାଲୋଚିତ ଦିଗକୁ କରିଛି ଗାରିମାମୟ।

**ପାଦଟୀକା:**

୧. କ୍ଷେତ୍ର ଅଧ୍ୟୟନ- ସୌଜନ୍ୟ-ଗଦାଧର ଢୁମ୍ପା ସଙ୍ଗୀତ ପରିଷଦ, ଖଣ୍ଡପଡ଼ା

୨. ପରିଶିଷ୍ଟରେ ଫଟୋଚିତ୍ର ଦ୍ରଷ୍ଟବ୍ୟ-ସୌଜନ୍ୟ-କିଶୋର ଚନ୍ଦ୍ର ରଥ, ସମ୍ପାଦକ, ଗଦାଧର ଢୁମ୍ପା ସଙ୍ଗୀତ ପରିଷଦ, ଖଣ୍ଡପଡ଼ା

୩.ସିଂହ ସାମନ୍ତ ଗଦାଧର, ପ୍ରବନ୍ଧ ପଞ୍ଚାମୃତ, ୧ମ ଭାଗ, ସାମନ୍ତ ଚନ୍ଦ୍ରଶେଖର କ୍ଲବ୍, ଖଣ୍ଡପଡ଼ାଗଡ଼, ୧୯୬୨

୪.ସିଂହ ସାମନ୍ତ ଗଦାଧର, ପ୍ରବନ୍ଧ ପଞ୍ଚାମୃତ, ୧ମ ଭାଗ, ସାମନ୍ତ ଚନ୍ଦ୍ରଶେଖର କ୍ଲବ୍, ଖଣ୍ଡପଡ଼ାଗଡ଼, ୧୯୬୨

୫. ପରିଶିଷ୍ଟରେ ଫଟୋଚିତ୍ର ଦ୍ରଷ୍ଟବ୍ୟ

୬. କ୍ଷେତ୍ର ଅଧ୍ୟୟନ- ଗଦାଧର ଢୁମ୍ପା ସଙ୍ଗୀତ ପରିଷଦ, ଖଣ୍ଡପଡ଼ା

**ସହାୟକ ଗ୍ରନ୍ଥସୂଚୀ:**

୧. ପଟ୍ଟନାୟକ କାଳିଚରଣ, କୁମ୍ଭାର ଚକ, ପ୍ରଥମ ସଂସ୍କରଣ, କଟକ ଷ୍ଟୁଡେଣ୍ଟ ଷ୍ଟୋର, ବାଲୁବଜାର, କଟକ- ୧୯୭୫

୨.ମହାନ୍ତି ସୁରେନ୍ଦ୍ର, ଓଡ଼ିଆ ସାହିତ୍ୟର ଆଦିପର୍ବ। ଅଷ୍ଟମ ସଂସ୍କରଣ, କଟକ ଷ୍ଟୁଡେଣ୍ଟ ଷ୍ଟୋର, ବାଲୁବଜାର, କଟକ, ୨୦୦୪

୩.ସିଂହ ସାମନ୍ତ ଗଦାଧର, ପ୍ରବନ୍ଧ ପଞ୍ଚାମୃତ, ୧ମ ଭାଗ, ସାମନ୍ତ ଚନ୍ଦ୍ରଶେଖର କ୍ଲବ୍, ଖଣ୍ଡପଡ଼ାଗଡ଼, ୧୯୬୨

**ସାକ୍ଷାତକାର:**

୧. ଗୁରୁ ଶ୍ରୀ କାଳନ୍ଦୀ ଚରଣ ରଥ, ଖଣ୍ଡପଡ଼ା

୨. ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ରଥ, ସଂପାଦକ, ଗଦାଧର ଢୁମ୍ପା ସଂଗୀତ ପରିଷଦ, ଖଣ୍ଡପଡ଼ା।

 ISSN: 2456-9194, Vol. VII, Issue. IV, March-2024

# ପରିଶିଷ୍ଟ




ଢୁମ୍ପାବାଦ୍ୟର ଫଟୋ



ବୃକ୍ଷପୂଜନ ଫଟୋ



ଢୁମ୍ପା ବାହାର କରିବାର କୌଶଳ



EZCC ଆନୁକୂଲ୍ୟରେ ଆୟୋଜିତ ଗୁରୁଶିଷ୍ୟ ପରମ୍ପରା କାର୍ଯ୍ୟକ୍ରମରେ ଢୁମ୍ପା ପରିବେଷଣ




ଢୁମ୍ପା ପରିବେଷଣ ସମୟର ଦୃଶ୍ୟ